# ଅନୁଗୋଳରେ ଆରମ୍ଭ ହେଲା କୋଭିଡ-୧୯ ସାହାଯ୍ୟ ଓ ରିଲିଫ ପ୍ରୟାସ

## କେୟାର୍ (CARE) କାର୍ଯ୍ୟକ୍ରମ

ଅନୁଗୋଳ, ତା. ୧୪.୧୦:- କରୋନା ସଂକ୍ରମଣ ଯୋଗୁଁ ଅନେକ ଲୋକ ଜୀବନ ଜୀବିକା ହରାଇଥିବା ବେଳେ ସେମାନଙ୍କ ପାଇଁ କିଛି ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ସହଯୋଗର ହାତ ବଢାଇଛନ୍ତି । ଗରିବ ଓ ଅସହାୟ୍ ଲୋକମାନଙ୍କୁ ଏହି ସହାୟତା ଯୋଗାଇ ଦେବାପାଇଁ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିଜ ଉଦ୍ୟମରେ ଏକ ଅଭିନବ ପ୍ରୟାସ CARE ଆରମ୍ଭ କରିଛନ୍ତି । ଗଞ୍ଜାମରେ ଦୟାର ପ୍ରାଚୀର wall of kindness ଭାବେ ପରିଚିତ ଶ୍ରୀ ସ୍ୱାଇଁ ଅନୁଗୋଳରେ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ନିମନ୍ତେ ବିଭିନ୍ନ ଉପାଦେୟ୍ ପଦକ୍ଷେପ ନେଉଛନ୍ତି । କରୋନା ସଂକ୍ରମଣରେ ପ୍ରଭାବିତ ହୋଇ ଜୀବିକା ହରାଇଥିବା ଗରିବ ଓ ଅସହାୟ୍ ଲୋକ ମାନଙ୍କ ପାଇଁ ଏହି CARE ବା **କୋଭିଡ-୧୯ ସାହାଯ୍ୟ ଓ ରିଲିଫ ପ୍ରୟାସ** ଆରମ୍ଭ ହୋଇଛି । ବିଭିନ୍ନ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତି ମାନଙ୍କ ଦ୍ୱାରା ଦାନ କରାଯାଇଥିବା ଶୁଖିଲା ରାସନ କିଟ୍ (ଚାଉଳ,ଅଟା,ତେଲ,ଡାଲି,ମସଲା,ଲୁଣ ଓ ସାନିଟାଇଜର)କୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଗରିବ ଓ ଅସହାୟ୍ ଲୋକମାନଙ୍କୁ ପ୍ରଦାନ କରାଯିବାର ପ୍ରୟାସ ଆରମ୍ଭ ହୋଇଛି । ଇତି ମଧ୍ୟରେ ଜେ.ଏସ୍.ପି.ଏଲ୍,CAIT,UPMS,JCI,Angul,ମାରୱାଡି ପଞ୍ଚାୟତ ଭବନ,ଶ୍ରୀ ସିରିଡି ସାଇ ଆତ୍ମ ଦର୍ଶନ ଟ୍ରଷ୍ଟ, ଏମ.ସି.ଏଲ୍‌ର ଜି.ଏମ୍ ହିଙ୍ଗୁଳା ଓ ଭରତପୁର ଏରିୟାଙ୍କ ଦ୍ୱାରା ୧ ହଜାର ଶୁଖିଲା ରାସନ୍ କିଟ୍ ଜିଲ୍ଲା ପ୍ରଶାସନକୁ ଦେଇଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଏହି ଶୁଖିଲା ରାସନ କିଟ୍ କରୋନା ପ୍ରଭାବିତ ପରିବାରର ଆବଶ୍ୟକତାକୁ ପୂରଣ କରିପାରିବ । ଏହି ଜନମଙ୍ଗଳ କାର୍ଯ୍ୟ ପାଇଁ ଜିଲ୍ଲାପାଳ ସଂପୃକ୍ତ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଏହିଭଳି ସହାୟତା ଅନ୍ୟ ମାନଙ୍କୁ ଉତ୍ସାହିତ କରିବ ଏବଂ ସେମାନେ ମଧ୍ୟ ସହଯୋଗର ହାତ ବଢାଇ କରୋନା ପ୍ରଭାବିତ ପରିବାରକୁ ସାହାଯ୍ୟ କରିବାକୁ ଆଗେଇ ଆସିବେ ବୋଲି ଜିଲ୍ଲାପାଳ ଆହ୍ୱାନ କରିଛନ୍ତି ।




Covid 19
Dry Ration